<u>ପ୍ରେସ୍ ନୋଟ୍</u>

# <u>ଜିଲ୍ଲା ସ୍ତରୀୟ ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ।</u>
# <u>ଅନୁଷ୍ଠିତ ହେଲା ପଥପ୍ରାନ୍ତ ଉତ୍ସବ (ରାହାଗିରି) ।</u>

ଅନୁଗୋଳ,ତା.୦୧.୦୪: ୮୭ତମ ପବିତ୍ର ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ଆଜି ଅନୁଗୋଳରେ ପାଳିତ ହୋଇଯାଇଛି । ରାଜ୍ୟ ସରକାରଂକ ଦ୍ୱାରା ସ୍ଥିରିକୃତ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ବବିତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସହରରେ ଥିବା ବରପୁତ୍ରମାନଂକ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ରୋଗୀମାନଂକୁ ଫଳ ବଣ୍ଟନ ଓ ରକ୍ତ ଭଣ୍ଡାର ଠାରେ ଜିଲ୍ଲା ରକ୍ତଦାତା ସଂଘ ଓ ପତଞ୍ଜଳୀ ଯୋଗ ସମିତିର ମିଳିତ ଆନୁକୁଲ୍ୟରେ ଆୟୋଜିତ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶାର ବରପୁତ୍ରମାନଂକର ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପ୍ରାଚୀନ ଉତ୍କଳୀୟ କଳା,ସଂସ୍କୃତିର ପ୍ରତିଫଳନ ସ୍ୱରୁପ ଓଡିଶା ଭାଷାଭିତ୍ତିରେ ୧୯୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ମାନ୍ୟତା ପାଇଲା । ଏଥିପାଇଁ ଯେଉଁ ବରପୁତ୍ରମାନଂକର ତ୍ୟାଗପୁତ ବଳିଦାନ ରହିଛି ସେମାନଂକ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ପ୍ରାଚୀନ କଳିଙ୍ଗର ଉନ୍ନବିଂଶ ଶତାବ୍ଦିର ଉତ୍କଳ ପ୍ରଦେଶ ଗଠନ ପାଇଁ ଯେଉଁ ସଂଗ୍ରାମ ଚାଲିଥିଲା ତାର ପ୍ରତିଫଳନକୁ ଆଜି ଆମେ ପାଳନ କରୁଛୁ । ଆମରି ଭାଷାକୁ ନେଇ ଲୋକମାନେ ଏକତ୍ରିତ ହୋଇଥିଲେ । ମଧୁସୁଦନ ଦାସ ଶତାବ୍ଦିର ମୁଖ୍ୟ ପୁରୋଧା ଥିଲେ । ୧୯୦୩ ମସିହାରେ କଟକରେ ଉତ୍କଳ ସମ୍ମିଳନୀ ଗଠନରେ ବହୁ ମହାପୁରୁଷ ଓ ଜନନାୟକ ଏଥିରେ ସାମିଲ ହୋଇଥିଲେ । ଅନୁଗୋଳ ଶିଳ୍ପ,ଖଣି,ପାଣି,ଜଙ୍ଗଲ ଓ ପ୍ରାକୃତିକ ବିଭବ ସବୁଥିରେ ଆଗରେ ଅଛି । ସମସ୍ତେ ବୃକ୍ଷ ରୋପଣ କରି ପରିବେଶ ସୁରକ୍ଷା କରିବା ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରି ଜିଲ୍ଲାକୁ ପ୍ରଗତି ପଥରେ ଆଗେଇ ନେବାକୁ ସେ ଆହ୍ୱାନ କରିଥିଲେ । ସଭାରେ ଅଧ୍ୟକ୍ଷତା କରିଥିବା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ ଜନ୍ମଭୂମି ଓଡିଶାର ଗାରିମାକୁ ଦୃଷ୍ଟିରେ ରଖି ଜନନୀ ଜନ୍ମଭୂମୀ ସ୍ୱର୍ଗାଦପୀ ଗରିଅଶି ବୋଲି ପ୍ରକାଶ କରିଥିଲେ । ଭାଷା ଭିତ୍ତିରେ ଆମ ରାଜ୍ୟ ଗଠନ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର କଥା । ପୂର୍ବସୁରୀ ମାନଂକର ତ୍ୟାଗ ପାଇଁ ଆମେ ଏହି ସ୍ୱତନ୍ତ୍ରତା ପାଇଛୁ । ଆସନ୍ତୁ ସମସ୍ତେ ଭାଷାର ସୁରକ୍ଷା କରିବା,ଭାଷା ବଂଚିଲେ ଜାତି ବଂଚିବ ଓ ଓଡିଶାକୁ ସମୃଦ୍ଧଶାଳୀ କରିବ ବୋଲି ଆହ୍ୱାନ କରିଥିଲେ । ସମ୍ମାନୀତ ବକ୍ତା ଭାବେ ଡ. କୁଳମଣି ନାୟକ ଯୋଗ ଦେଇ ମାତୃଭୂମୀ ମାତୃଭାଷା ଉଭୟ ହେଉଛି ଆମର ଜନନୀ ବୋଲି ପ୍ରକାଶ କରିଥିଲେ । ଅନୁଗୋଳର ଆରାଧ୍ୟ ଦେବୀଙ୍କ ଉଦ୍ଦେଶ୍ୟରେ ସେ କବିତା ପାଠ କରିଥିଲେ । ପ୍ରାଚୀନ ପ୍ରସ୍ଥର ଓ ସେ ଯୁଗର ସନ୍ଧାନ ଅନୁଗୋଳରେ ମିଳିଛି

ବୋଲି ସେ ପ୍ରକାଶ କରିଥିଲେ । ଏହି ଅବସରରେ ଅନୁଗୋଳ ମାଟିର କବି ରାଧାମୋହନ ଗଡନାୟକ, ସମାଜସେବୀ ମାଳତୀ ଦେବୀ ଚୌଧୁରୀ ଓ ନବକୃଷ୍ଣ ଚୌଧୁରୀଙ୍କ ପ୍ରତି ଶ୍ରଦ୍ଧାଂଜଳୀ ଜଣାଇଥିଲେ । ଆଠମଲ୍ଲିକର ପ୍ରଦ୍ୟୁମ୍ନ ମହାନନ୍ଦିଆ ସୁଇଡେନ ରାଜକନ୍ୟାଂକୁ ବିବାହ କରି ଏ ମାଟିର ଗର୍ବ ଓ ଗୌରବ ବଢାଇଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବେ ନବ ନିର୍ବାଚିତ ଅନୁଗୋଳ ପୌରାଧ୍ୟକ୍ଷ ଶ୍ରୀ ଅକ୍ଷୟ୍ କୁମାର ସାମନ୍ତ ଯୋଗ ଦେଇ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ ହେବାରେ ବରପୁତ୍ର ମାନଂକର ଅବଦାନକୁ ସ୍ମରଣ କରିଥିଲେ । ଓଡିଶା ଆଜି ସାରା ବିଶ୍ୱରେ ଚର୍ଚ୍ଚିତ ତାର ମାତୃଭାଷାକୁ ନେଇ । ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ହେଉଛନ୍ତି ଆମ ରାଜ୍ୟ ଓ ଦେଶର ଗର୍ବ ଓ ଗୌରବ ବୋଲି ସେ ପ୍ରକାଶ କରିଥିଲେ । ଅନୁଗୋଳରେ ପ୍ରଦ୍ୟୁଷଣକୁ ନିୟନ୍ତ୍ରଣ କରିବା ନିମନ୍ତେ ସମସ୍ତେ ଆଜିର ଦିନରେ ମହାପୁରୁଷଙ୍କ ନାମରେ ବୃକ୍ଷରୋପଣ କରିବାକୁ ସେ ଆହ୍ୱାନ କରିଥଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁ ଯୋଗ ଦେଇ ଆଜିର ଦିବସକୁ ଏକ ମହିମ୍ୟଶୀ ଦିବସ ଭାବରେ ଅଭିହିତ କରିଥିଲେ । ଗଜପତିର ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ସମେତ ଅନେକ ବରପୁତ୍ର ଉତ୍ତମ ଚିନ୍ତାଧାରା ଓ ଉତ୍ସର୍ଗୀକୃତ ସେବା କାର୍ଯ୍ୟକ୍ରମ ପାଇଁ ଆମେ ସ୍ୱତନ୍ତ୍ର ଉତ୍କଳ ଦିବସର ମାନ୍ୟତା ଲାଭ କରିଛୁ । ଭାରତ ବର୍ଷରେ ଆମେ ଓଡିଆ ଭାବେ ଗର୍ବ ଅନୁଭବ କରିବା ସହ ନିଜ ଜନ୍ମଭୂମୀ ପ୍ରତି ସମ୍ମାନ ବଜାୟ୍ ରଖିବାକୁ ସେ ଆହ୍ୱାନ କରିଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟ୍ନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ସହ ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଂକୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୁଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ବଜାଯାଇ ସହର ପରିକ୍ରମା କରାଯାଇଥିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀମାନଂକ ଦ୍ୱାରା ପ୍ରଭାତ ଫେରୀ କରାଯାଇଥିଲା । ଶ୍ରୀ ଲକ୍ଷ୍ମଣ କୁମାର ସାହୁ, ଅଧ୍ୟକ୍ଷ, ସରକାରୀ ଶିକ୍ଷକ ଶିକ୍ଷା ଅନୁଷ୍ଠାନ, କିଶୋରନଗର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଦୁଃଖବନ୍ଧୁ ମାଝି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସକାଳେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀ ଓ ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ ।

ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଜଗନ୍ନାଥ ମନ୍ଦିର ରାସ୍ତାରେ ପଥପ୍ରାନ୍ତ ଉତ୍ସବ (ରାହାଗିରି) ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ତଥା ଓଡିଶା ବିଧାନସଭାର ଉପ-ବାଚସ୍ପତି ଶ୍ରୀ ରଜନିକାନ୍ତ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିବା ସହ ରାହାଗିରି ମାଧ୍ୟରେ ବିଭିନ୍ନ ଅନୁଷ୍ଠାନ ବ୍ୟକ୍ତି ବିଶେଷମାନଂକର କାର୍ଯ୍ୟକ୍ରମ

ପରିବେଶଣ କରିବାର ସୁଯୋଗ ପାଇ ପାରିବେ  ବୋଲି ପ୍ରକାଶ କରିଥିଲେ   । ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ରାହାଗିରି  ଖୁବ୍ କମ୍ ସମୟରେ ସଫଳତାର ସହ ଆୟୋଜନ ହୋଇଥିବା ସମ୍ପର୍କରେ ପ୍ରକାଶ କରିଥିଲେ  । ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା , ଜିଲ୍ଲା ପରିଷଦ ଅଧ୍ୟକ୍ଷା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ   । କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗ ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକ ଯୋଗ ଦେଇ ବିଭିନ୍ନ ଯୋଜନା ଓ ମନୋରଂଜନ କାର୍ଯ୍ୟକ୍ରମ ପ୍ରଦର୍ଶିତ କରିଥିଲେ ।




